# NATIONAL NEWS BULLETIN (ODIA)
## 2 May - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ ପରବର୍ତ୍ତୀ ହିତାଧିକାରୀ ଭିତ୍ତିକ ଯୋଜନା ପାଇଁ କୌଣସି ପ୍ରକାର ବିଜ୍ଞାପନ, ସର୍ଭେ କିମ୍ବା ଆପ୍ ଜରିଆରେ ନାଗରିକଙ୍କ ପଞ୍ଜୀକରଣ ବ୍ୟବସ୍ଥାକୁ ବନ୍ଦ କରିବାକୁ ତୁରନ୍ତ ନିର୍ଦ୍ଦେଶ ଦେଲେ ନିର୍ବାଚନ ଆୟୋଗ ।
- ସମଗ୍ର ଦେଶରେ ଶାନ୍ତି ବ୍ୟାହତ କରୁଥିବା ଆତଙ୍କବାଦକୁ ବିଜେପି ସରକାର କଡ଼ା ଜବାବ ଦେଇଛନ୍ତି ବୋଲି କହିଲେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଓଡ଼ିଶାର କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ  ବିଜେଡିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେପିରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାଖଲ କଲେ ପ୍ରାର୍ଥିପତ୍ର ।
- ଉତ୍ତର ଗାଜା ଉପତ୍ୟକାର ଏରେଜ୍ କ୍ରସିଂକୁ  ପୁଣି ଥରେ ଖୋଲିବାକୁ ଅନୁମତି ଦେଲା ଇସ୍ରାଏଲ୍ ।

ଏବଂ

- ଆଇପିଏଲର ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଲା ସନ୍‌ରାଇଜର୍ସ ହାଇଦ୍ରାବାଦ ।

## ଇସି- ଆଡଭାଇଜରୀ

ନିର୍ବାଚନ ପରବର୍ତ୍ତୀ ହିତାଧିକାରୀଭିତ୍ତିକ ଯୋଜନା ପାଇଁ କୌଣସି ପ୍ରକାର ବିଜ୍ଞାପନ, ସର୍ଭେ କିମ୍ବା ଆପ୍ ଜରିଆରେ ବ୍ୟକ୍ତିବିଶେଷଙ୍କୁ ପଞ୍ଜୀକୃତ କରିବା ଭଳି କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବାକୁ ନିର୍ବାଚନ ଆୟୋଗ ଆଜି ସମସ୍ତ ରାଜନୈତିକ ଦଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି ।

ନିର୍ବାଚନ ପରବର୍ତ୍ତୀ ଫାଇଦା ହାସଲ କରିବା ଲାଗି ପଞ୍ଜୀକରଣ କରିବାକୁ ବ୍ୟକ୍ତିଗତ ଭାବେ ଭୋଟରଙ୍କୁ ଆମନ୍ତ୍ରଣ କିମ୍ବା ଆହ୍ୱାନ ଦେବାର କାର୍ଯ୍ୟ ପ୍ରଲୋଭନ ସୃଷ୍ଟି ହୋଇପାରେ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ବୈଧାନିକ ବ୍ୟବସ୍ଥା ଭିତରେ ଏଭଳି କୌଣସି ବିଜ୍ଞାପନ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଗ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍- ଜୁନାଗଡ଼ ର୍‍ୟାଲୀ

ସମଗ୍ର ଦେଶରେ ଶାନ୍ତି ବ୍ୟାହତ କରୁଥିବା ଆତଙ୍କବାଦକୁ ବିଜେପି ସରକାର କଡ଼ା ଜବାବ ଦେଇଛନ୍ତି ବୋଲି ବରିଷ୍ଠ ବିଜେପି ନେତା ତଥା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଗୁଜରାଟର ଜୁନାଗଡ଼ଠାରେ ଆଜି ଏକ ନିର୍ବାଚନୀ ର୍‌ୟାଲିକୁ ସମ୍ବୋଧନ କରି ଶ୍ରୀ ମୋଦୀ' କଂଗ୍ରେସ ବିଭାଜନକାରୀ ରାଜନୀତି କରୁଛି ବୋଲି ଅଭିଯୋଗ କରିବା ସହ ସ୍ୱାଧୀନତାର ଦଶନ୍ଧି ପରେ ତାମିଲନାଡୁ ନିକଟସ୍ଥ ଏକ ଦ୍ୱୀପକୁ ପଡ଼ୋଶୀ ଦେଶକୁ ହସ୍ତାନ୍ତର କରିବା ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। କ୍ଷୁଦ୍ର ଦ୍ୱୀପପୁଞ୍ଜର ସୁରକ୍ଷା ଏବଂ ପର୍ଯ୍ୟଟନ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବିଜେପି ସରକାରଙ୍କ ପ୍ରତିବଦ୍ଧତାକୁ ଶ୍ରୀ ମୋଦୀ ଦୋହରାଇଛନ୍ତି।

ଗତକାଲିଠାରୁ ରାଜ୍ୟରେ ପ୍ରଚାର କରୁଥିବା ଶ୍ରୀ ମୋଦି ସନ୍ଧ୍ୟାରେ ଜାମନଗରରେ ଏକ ରାଲିକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି।

ଅନ୍ୟପକ୍ଷରେ କଂଗ୍ରେସ ନେତା ତଥା ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଅହମ୍ମଦାବାଦରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରତିଶ୍ରୁତି ଦେଇଛନ୍ତି, କଂଗ୍ରେସ ଇସ୍ତାହାର ସମାଜର ପ୍ରତ୍ୟେକ ବର୍ଗକୁ ନ୍ୟାୟ ପ୍ରଦାନ କରିବ।

ଆପ୍ ନେତ୍ରୀ ସୁନୀତା କେଜ୍ରିଓ୍ୱାଲ ମଧ୍ୟ ଆଜି ଗୁଜୁରାଟରେ ବିଭିନ୍ନ ଅଞ୍ଚଳରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ଅଂଶଗ୍ରହଣ କରିଛନ୍ତି। ସେ ଭାବନଗର ଓ ଭାରୁଚ୍‌ର ଆପ୍ ପ୍ରାର୍ଥୀଙ୍କ ସପକ୍ଷରେ ବୋଟାଦ ଓ ଦେଦିଆପଡ଼ାରେ ରୋଡ୍ ସୋ' କରିଥିଲେ।

# ମମତା– କ୍ୟାମ୍ପେନ୍

ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ କହିଛନ୍ତି, ତୃଣମୂଳ କଂଗ୍ରେସ ଶାସନରେ ପଶ୍ଚିମ ବଙ୍ଗଳା ବିକାଶ ଦିଗରେ ଅଗ୍ରସର ହେଉଛି। ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର ତେହଟ୍ଟାଠାରେ ଆଜି ଏକ ସାଧାରଣ ସଭାକୁ ସମ୍ବୋଧନ କରି ସେ କହିଛନ୍ତି, ପଶ୍ଚିମବଙ୍ଗରେ ନାଗରିକତା ସଂଶୋଧନ ଆଇନ ଏବଂ ଜାତୀୟ ନାଗରିକ ପଞ୍ଜିକା ହେବାକୁ ଦେବେ ନାହିଁ ।

# ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥୀପତ୍ର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଓଡ଼ିଶାର କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ପାଖରେ ମୁଖ୍ୟମନ୍ତ୍ରୀ ନାମାଙ୍କନପତ୍ର ଦାଖଲ କରିବାବେଳେ ତାଙ୍କ ସହ ଦଳର ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ସମ୍ବଲପୁର ଲୋକସଭା ଆସନ ପାଇଁ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ କାମନା କରିବା ପରେ ନିଜ ସମର୍ଥକଙ୍କ ସହ ଏକ ବିରାଟ ଶୋଭଯାତ୍ରାରେ ସହର ପରିକ୍ରମା କରି ଶ୍ରୀ ପ୍ରଧାନ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ।

# ବିଜେଡି-ବିଜେପି ପ୍ରାର୍ଥୀ ତାଲିକା

ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶାରେ ବାକି ରହିଥିବା ତିନୋଟି ବିଧାନସଭା ଆସନ ପାଇଁ ଆଜି ପ୍ରାର୍ଥୀ ଘୋଷଣା କରାଯାଇଛି । କୋରେଇ, ଖଣ୍ଡପଡ଼ା ଏବଂ ନୀଳଗିରି ବିଧାନସଭା ଆସନ ପାଇଁ ଦଳ ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି । କୋରୋଇରୁ ସନ୍ଧ୍ୟାରାଣୀ ଦାସ, ନୀଳଗିରିରୁ ସୁକାନ୍ତ ନାୟକ ଏବଂ ଖଣ୍ଡପଡ଼ାରୁ ସାବିତ୍ରୀ ପ୍ରଧାନ ନିର୍ବାଚନ ଲଢ଼ିବେ । ଏଥିସହ ଦଳ ପକ୍ଷରୁ ସମସ୍ତ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ଶେଷ ହୋଇଛି । ଅନ୍ୟପକ୍ଷରେ ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କୁ ଦଳ ପରିବର୍ତ୍ତିତ କରିଛି । ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଦେବଗଡ଼ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରାଯାଇଛି । ପୂର୍ବରୁ ଏହି ଆସନ ପାଇଁ ଅରୁନ୍ଧତୀ ଦେବୀଙ୍କ ନାମ ଚୂଡ଼ାନ୍ତ ହୋଇଥିଲା ।

ଅନ୍ୟପକ୍ଷରେ ବିଜେପି ଦ୍ୱାରା ଘୋଷିତ ହେବାକୁ ଥିବା ୬ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି । ବାରବାଟୀ-କଟକ ଆସନ ପାଇଁ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନାମ ଘୋଷଣା କରାଯାଇଥିବାବେଳେ ବେଗୁନିଆ ପାଇଁ ପ୍ରକାଶ ରଣ ବିଜୁଳି, ଭଣ୍ଡାରୀପୋଖରୀ ପାଇଁ ସୁଧାଂଶୁ ନାୟକ, ବରୀ ପାଇଁ ଉମେଶ ଜେନା, ଘଷିପୁରା ପାଇଁ ଶମ୍ଭୁନାଥ ରାଉତ ଏବଂ ଭୋଗରାଇ ବିଧାନସଭା ଆସନ

ପାଇଁ ଆଶିଷ ପାତ୍ରଙ୍କ ନାମ ଘୋଷଣା କରାଯାଇଛି। ବାଲେଶ୍ୱର ଜିଲ୍ଲା ନୀଳଗିରି ବିଧାନସଭା ଆସନ ବ୍ୟତୀତ ବିଜେପି ଏପର୍ଯ୍ୟନ୍ତ ୧୪୬ଟି ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି।

## କର୍ଣ୍ଣାଟକ କଂଗ୍ରେସ ର୍‍ୟାଲୀ

କର୍ଣ୍ଣାଟକରେ ଆଜି ବିଭିନ୍ନ ରାଜନୈତିକ ଦଳର ଷ୍ଟାର ପ୍ରଚାରକ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ନାରାୟଣସ୍ୱାମୀ ଆଜି କୋପ୍ପାଲ ଜିଲ୍ଲାରେ ପ୍ରଚାର କରିଛନ୍ତି। ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରି ସେ କହିଥିଲେ, ମୁଖ୍ୟମନ୍ତ୍ରୀ ବସବରାଜ ବୋମାଇଙ୍କ ନେତୃତ୍ୱାଧୀନ ରାଜ୍ୟରେ ପୂର୍ବ ବିଜେପି ସରକାର ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷଣ ସୀମା ୧୫ରୁ ୧୭ ପ୍ରତିଶତକୁ ବୃଦ୍ଧି କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ ଦଳିତଙ୍କ କଲ୍ୟାଣ ପାଇଁ କାମ କରିଛନ୍ତି ବୋଲି ସେ କହିଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ରାହୁଲ ଗାନ୍ଧୀ ଶିବମୋଗାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଖଡ଼ଗେ ଭୋଟରମାନଙ୍କୁ ଆଶ୍ୱାସନା ଦେଇ କହିଛନ୍ତି, କେନ୍ଦ୍ରରେ କଂଗ୍ରେସ ସରକାର ଗଠନ କଲେ ଗରିବଙ୍କ ପାଇଁ ଅନେକ କଲ୍ୟାଣକାରୀ ଯୋଜନା ପ୍ରଚଳନ

କରିବ।  ସନ୍ଧ୍ୟାରେ ରାଇଚୁରରେ ରାହୁଲ ଗାନ୍ଧି ଆଉ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି।

## ଇସ୍ରାଏଲ ରିଓପନ୍‌ସ-ଗାଜା କ୍ରସିଂ

ଇସ୍ରାଏଲ୍ ଉତ୍ତର ଗାଜା ଉପତ୍ୟକାର ଏରେଜ୍ କ୍ରସିଂକୁ  ପୁଣି ଥରେ ଖୋଲିବାକୁ ଅନୁମତି ଦେଇଛି। ଗାଜାକୁ ସହାୟତା ଯୋଗାଣ ବୃଦ୍ଧି ନେଇ ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ଗୁରୁତ୍ୱାରୋପ ପରିପ୍ରେକ୍ଷୀରେ ଇସ୍ରାଏଲ ଏହି ନିଷ୍ପତ୍ତି ନେଇଛି। ଇସ୍ରାଏଲ କହିଛି, ଦୀର୍ଘ ମାସର କଟକଣା ପରେ ଏହି ପଥ ଖୋଲିବା ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ଖାଦ୍ୟ ଓ ଔଷଧ ଭଳି ଜୀବନ ରକ୍ଷାକାରୀ ସାମଗ୍ରୀ ଯୋଗାଯାଇପାରିବ। ତେବେ ଏହି ପଥ ଦେଇ ଯାତ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ  ପରିବହନ ଉପରେ ଏବେ ମଧ୍ୟ କଟକଣା ରହିଛି।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ମାସରେ ହମାସ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଏହି ଏକମାତ୍ର ମାନବୀୟ ପ୍ରବେଶ ପଥକୁ ଇସ୍ରାଏଲ ବନ୍ଦ କରି ଦେଇଥିଲା। ଏରେଜ୍ ନିକଟବର୍ତ୍ତୀ ଉତ୍ତରାଞ୍ଚଳରେ ଏହି ଗୁରୁତ୍ୱପୂର୍ଣ୍ଣ ପଥ ନଷ୍ଟ ହେବାରୁ ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକ ଭୟଙ୍କର ପରିସ୍ଥିତି ନେଇ ଆଶଙ୍କା ବ୍ୟକ୍ତ କରିଥିଲେ।

ଇସ୍ରାଏଲ ଓ ପାଲେଷ୍ଟାଇନ ଆତଙ୍କବାଦୀଙ୍କ ମଧ୍ୟରେ ପାଖାପାଖି ୭ ମାସ ଧରି ଚାଲିଥିବା ପରିପ୍ରେକ୍ଷୀରେ ଅସ୍ତ୍ରବିରତିକୁ ଉତ୍ସାହିତ କରିବା ଲକ୍ଷ୍ୟରେ ବ୍ଲିଙ୍କେନ୍ ତାଙ୍କ ସପ୍ତମ ଆଞ୍ଚଳିକ ଗସ୍ତ ସମୟରେ ଏ ନେଇ ଆଲୋଚନା କରିଥିଲେ। ଇଜିପ୍ଟ ଓ କତାର ଯୁଦ୍ଧବିରତି ପ୍ରୟାସକୁ ମଧ୍ୟସ୍ଥତା କରୁଥିବା ବେଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଖୁବଶୀଘ୍ର ଦକ୍ଷିଣ ଗାଜାରେ ପୁଣି ଥରେ ଅନୁପ୍ରବେଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଲଢ଼େଇ ଯୋଗୁଁ ୧୦ ଲକ୍ଷରୁ ଅଧିକ ସ୍ଥାନୀୟ ବାସିନ୍ଦା ବିସ୍ଥାପିତ ହୋଇଛନ୍ତି।

## ଇଣ୍ଡିଆ-ଇଣ୍ଡୋନେସିଆ ଡିଫେନ୍ସ

ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସପ୍ତମ ଯୁଗ୍ମ ପ୍ରତିରକ୍ଷା ସହଯୋଗ କମିଟି ବୈଠକ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏହି ବୈଠକରେ ପ୍ରତିରକ୍ଷା ସଚିବ ଗିରିଧର ଅର୍ମାନେ ଏବଂ ଇଣ୍ଡୋନେସିଆର ପ୍ରତିରକ୍ଷା ମହାସଚିବ ତଥା ଅବସରପ୍ରାପ୍ତ ଏୟାର ମାର୍ଶାଲ  ଡୋନି ଏରମାୱାନ୍ ତୌଫାଣ୍ଟୋ ମିଳିତ ଭାବେ ଅଧ୍ୟକ୍ଷତା କରିବେ। ଆଜିଠାରୁ ଆସନ୍ତା ଶନିବାର ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଥିବା ଇଣ୍ଡୋନେସିଆ ମହାସଚିବ ନୂଆଦିଲ୍ଲୀ ଏବଂ ପୁଣେରେ ଥିବା ଭାରତୀୟ ପ୍ରତିରକ୍ଷା ଶିଳ୍ପ ଗୋଷ୍ଠୀ ସହ ମଧ୍ୟ ଆଲୋଚନା କରିବେ।

ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ଚୁକ୍ତି ୨୦୦୧ରେ ସ୍ୱାକ୍ଷରିତ ହୋଇଥିଲା। ବର୍ତ୍ତମାନ ଏହାକୁ ସାମରିକ ଆଦାନପ୍ରଦାନ, ଉଚ୍ଚସ୍ତରୀୟ ଗସ୍ତ, ଦକ୍ଷତା ବୃଦ୍ଧି ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଜାତିସଂଘ ଶାନ୍ତି ରକ୍ଷା, ଜାହାଜ ପରିଦର୍ଶନ ଏବଂ ଦ୍ୱିପାକ୍ଷିକ ବୁଝାମଣାରେ ଅନ୍ତର୍ଭୁକ୍ତ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ୨୦୧୮ରେ ଭାରତ ଏବଂ ଇଣ୍ଡୋନେସିଆ ସମ୍ପର୍କକୁ ବ୍ୟାପକ ରଣନୈତିକ ଭାଗିଦାରୀରେ ପରିଣତ କରାଯାଇଛି ଏବଂ ଏହାଦ୍ୱାରା ପ୍ରତିରକ୍ଷା ଶିଳ୍ପ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂତନ ସହଯୋଗ ପାଇଁ ପଥ ପ୍ରଶସ୍ତ ହୋଇଛି।

## ବୈଶାଲୀ ଚେସ୍

ଭାରତୀୟ ଚେସ୍ ଖେଳାଳି ବୈଶାଲୀ ରମେଶ ବାବୁଙ୍କୁ ଅନ୍ତର୍ଜାତୀୟ ଚେସ୍ ମହାସଂଘ ଫିଡେ ପକ୍ଷରୁ ଗ୍ରାଣ୍ଡମାଷ୍ଟର ଉପାଧି ପ୍ରଦାନ କରାଯାଇଛି। ଏହି ଗ୍ରାଣ୍ଡମାଷ୍ଟର ଉପାଧି ପାଇବାରେ ବୈଶାଳୀ ହେଉଛନ୍ତି ତୃତୀୟ ଭାରତୀୟ ମହିଳା। ଏହା ପୂର୍ବରୁ କୋନେରୁ ହମ୍ପି ଏବଂ ହରିକା ଦ୍ରୋନାଭାଲି ଏହି ଉପାଧି ହାସଲ କରିଥିଲେ। ଆକାଶବାଣୀ ସମ୍ବାଦ ବିଭାଗ ସହ ସ୍ୱତନ୍ତ୍ର ଆଲୋଚନା ସମୟରେ ଭାରତୀୟ ଚେସ୍‌କୁ ନୂଆ ଉଚ୍ଚତାରେ ପହଞ୍ଚାଇବାରେ ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସେ କହିଥିଲେ।

# ଆଇପିଏଲ କ୍ରିକେଟ

ଆଇପିଏଲ କ୍ରିକେଟରେ ଆଉ ଅଳ୍ପ ସମୟ ପରେ ହାଇଦ୍ରାବାଦର ରାଜୀବଗାନ୍ଧୀ ଆର୍ନ୍ତଜାତୀୟ ଷ୍ଟାଡିୟମରେ ସନରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମୁକାବିଲା ଆରମ୍ଭ ହେବ।

ଏ ପର୍ଯ୍ୟନ୍ତ ରାଜସ୍ଥାନ ରୟାଲ୍ସ ଖେଳିଥିବା ୯ଟି ମ୍ୟାଚ୍‌ରୁ ୮ଟି ବିଜୟ ଏବଂ ଗୋଟିଏ ପରାଜୟ ସହ ୧୬ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଥିବାବେଳେ ସନ୍‌ରାଇଜର୍ସ ହାଇଦ୍ରାବାଦ ୯ଟି ମ୍ୟାଚ୍‌ରୁ ୫ଟି ବିଜୟ ଏବଂ ୪ଟି ପରାଜୟ ସହ ୧୦ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି। ମିଳିଥିବା ସଦ୍ୟତମ ସୂଚନା ଅନୁଯାୟୀ, ଟସ୍ ଜିତି ସନ୍‌ରାଇଜର୍ସ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି।

# ଓ୍ୱମେନ୍ସ କ୍ରିକେଟ

ଚଳିତ ଭାରତ-ବାଂଲାଦେଶ ମହିଳା ଟି-୨୦ କ୍ରିକେଟ ସିରିଜ୍‌ର ଆଜି ଚାଲିଥିବା ତୃତୀୟ ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ପରାସ୍ତ କରିଛି। ବାଂଲାଦେଶର ସିଲ୍‌ହଟ୍ ଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୮ ଓ୍ୱିକେଟ୍ ବିନିମୟରେ ୧୧୭ ରନ୍ ସଂଗ୍ରହ କରିଛି। ୧୧୮ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୧୮ ଓଭର ୩ଟି ବଲ୍‌ରେ ୩ ଓ୍ୱିକେଟ୍ ବିନିମୟରେ ହାସଲ କରି ନେଇଛି।